ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/262/20-05-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୨୦ ମଇ, ୨୦୨୧

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ  ଆଜି ଭର୍ଚୁଆଲ ମାଧ୍ୟମରେ ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲ୍‌ରେ ଏକ ତରଳ ମେଡିକାଲ ଅକ୍ସିଜେନ୍ ପ୍ଲାଣ୍ଟ ଉତ୍ସର୍ଗ କରିଛନ୍ତି । ଏହା ଦକ୍ଷିଣ ଓଡ଼ିଶାର ଜିଲ୍ଲାମାନଙ୍କରେ ବିଶେଷ କରି ଗଞ୍ଜାମର ଆବଶ୍ୟକତା ପୂରଣ କରୁଥିବା ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲ୍‌ରେ ଅକ୍ସିଜେନ୍ ସିଲିଣ୍ଡର ଅଭାବକୁ ଦୂର କରିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ମୂଲ୍ୟବାନ ଜୀବନ ବଞ୍ଚାଇବା ପାଇଁ ସରକାର ସବୁମତେ ପଦକ୍ଷେପ ନେଉଛନ୍ତି ବୋଲି ପ୍ରତିଶ୍ରୁତି ଦେବା ସହିତ ଅମ୍ଳଜାନ ଯୋଗାଣ ପରିଚାଳନାକୁ ପ୍ରତି ଘଣ୍ଟାରେ ତଦାରଖ କରାଯାଉଛି ବୋଲି କହିଛନ୍ତି । ସେ ପୁନଶ୍ଚ କହିଛନ୍ତି ଯେ ଅକ୍ସିଜେନ୍ ସିଲିଣ୍ଡର କ୍ରୟ, ଅମ୍ଳଜାନ ଉତ୍ପାଦନ ପ୍ରକଳ୍ପ ପ୍ରତିଷ୍ଠା, ତରଳ ମେଡିକାଲ ଅମ୍ଳଜାନ ପାଇଁ କଣ୍ଟେନର ବିନିଯୋଗ ମାଧ୍ୟମରେ ରାଜ୍ୟ ଅମ୍ଳଜାନ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରୁଛି । ଭବିଷ୍ୟତର ଅକ୍ସିଜେନ ଆବଶ୍ୟକତା ଓ ପରିଚାଳନାକୁ ଦୃଷ୍ଟିରେ ରଖି ଏକ ଟାସ୍କଫୋର୍ସ ଗଠନ କରାଯାଇଛି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ମହାମାରୀ ବିରୋଧରେ ହେଉଥିବା ଲଢ଼େଇରେ ସହଯୋଗ କରିଥିବାରୁ ଜନସାଧାରଣଙ୍କୁ ଧନ୍ୟବାଦ ଦେବା ସହିତ ସମ୍ମିଳିତ ଭାବରେ ଆମେ ସମସ୍ତେ ଏହି ଭୂତାଣୁକୁ ଦମନ କରିପାରିବା ଓ ଖୁବ୍‌ଶୀଘ୍ର ସ୍ୱାଭାବିକ ଅବସ୍ଥାକୁ ଫେରିପାରିବା ବୋଲି ଆଶା ପ୍ରକଟ କରିଛନ୍ତି । ମହାମାରୀକୁ ରୋକିବାରେ ଗଞ୍ଜାମବାସୀଙ୍କ ଗୋଷ୍ଠୀ ସଂପୃକ୍ତି ଭୂମିକାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି ।

- ମାନ୍ୟବର ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶ୍ରୀ ନବକିଶୋର ଦାସ, ମାନ୍ୟବର ସାଂସଦ, ବ୍ରହ୍ମପୁର ଶ୍ରୀ ଚନ୍ଦ୍ରଶେଖର ସାହୁ, ମାନ୍ୟବର ବିଧାୟକ, ବ୍ରହ୍ମପୁର ଶ୍ରୀ ବିକ୍ରମ ପଣ୍ଡା, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା ଶ୍ରୀ ଆର୍. ବାଳକ୍ରିଷ୍ଣନ୍, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ ଶ୍ରୀ ଅସିତ ତ୍ରିପାଠୀ, ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ର, ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମାଙ୍କ ସମେତ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର  ବରିଷ୍ଠ ଅଧିକାରୀ ଏବଂ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲ୍‌ର ବରିଷ୍ଠ ଡାକ୍ତରମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଚିବ (୫–'ଟି') ଶ୍ରୀ

ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମ ସଂଚାଳନ କରିଥିବାବେଳେ ଗଞ୍ଜାମ ଜିଲ୍ଲାପାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ବ୍ରହ୍ମପୁର ମହାନଗର ନିଗମର କମିଶନର ଧନ୍ୟବାଦ ଅର୍ପଣ କରିଥିଲେ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୋଭିଡ୍ ସଂକ୍ରମଣର ପ୍ରତିରୋଧ ପାଇଁ ମଇ ୨୪ରୁ ରାଜ୍ୟରେ କରୋନା ସର୍ଭେ ଆରମ୍ଭ ହେଉଛି । ଏ ନେଇ କାର୍ଯ୍ୟରେ ନିୟୋଜିତ ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କୁ ଅତିରିକ୍ତ ୧୦ ହଜାର ଟଙ୍କାର ସହାୟତା ଯୋଗାଇ ଦିଆଯିବ । ସେମାନେ ଘର ଘର ବୁଲି କୋଭିଡ୍ ଲକ୍ଷଣ କିମ୍ବା ଗୁରୁତର ରୋଗ ଥିବା ବ୍ୟକ୍ତିଙ୍କ ଚିହ୍ନଟ ସହ ଚିକିତ୍ସାର ବ୍ୟବସ୍ଥା କରିବେ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୋଭିଡ୍ ପରିଚାଳନା ପାଇଁ ଗାଁ କଲ୍ୟାଣ ସମିତିକୁ ୧୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ଅର୍ଥ ବିଭିନ୍ନ ସୁରକ୍ଷା ଉପକରଣ କ୍ରୟ ସହ ସଚେତନତାକୁ ବ୍ୟାପକ କରିବା ଦିଗରେ ବିନିଯୋଗ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ବିଭିନ୍ନ ଡାକ୍ତରଖାନା ଏବଂ କୋଭିଡ୍ ଯତ୍ନ କେନ୍ଦ୍ରମାନଙ୍କୁ ସୁବିଧାରେ ଅମ୍ଳଜାନ ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର କୋଭିଡ୍-୧୯ ରୋଗୀଙ୍କ ଚିକିତ୍ସା ପାଇଁ ତରଳ ଅମ୍ଳଜାନ ନେଇ ଯାଉଥିବା ଯାନଗୁଡ଼ିକ ଉପରୁ ଟୋଲ ଛାଡ଼ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୋଭିଡ୍-୧୯ ସମୟରେ ଅମ୍ଳଜାନ ସଂକଟ ଦେଖାଦେଇଥିବାବେଳେ ବିଭିନ୍ନ ରାଜ୍ୟକୁ ଓଡ଼ିଶା ଅମ୍ଳଜାନ ଯୋଗାଇବା ଜାରି ରଖିଛି । ଏହାର ନିରବଚ୍ଛିନ୍ନ ପରିବହନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବାବେଳେ ୨୭ ଦିନ ମଧ୍ୟରେ ୧୩ଟି ରାଜ୍ୟକୁ ୧୬,୮୦୯ ମେଟ୍ରିକ୍ ଟନ୍ ଅମ୍ଳଜାନ ଯୋଗାଇ ଦିଆଯାଇଛି ବୋଲି ସେ ପ୍ରକାଶ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ମାତ୍ର ୨୬ ଦିନର ନବଜାତକ ଶିଶୁକୁ କୋଭିଡ୍‌ରୁ ସୁସ୍ଥ କରିବା ଦିଗରେ ନୂଆପଡ଼ା ଜିଲ୍ଲାର ଶିଶୁରୋଗ ବିଶେଷଜ୍ଞ ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ ତଥା ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ସମର୍ପିତ ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ ବୋଲି କହିଛନ୍ତି । ଏହା କୋଭିଡ୍-୧୯ ଚିକିତ୍ସା କ୍ଷେତ୍ରରେ ନୂଆ ଏକ ଆଶା ସଂଚାର କରିଛି ବୋଲି ଉଲ୍ଲେଖ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ଏଥିପାଇଁ ସମସ୍ତଙ୍କୁ ସାଧୁବାଦ ଜଣାଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ନବଜାତ କନ୍ୟା ଗୁଡ଼ିଆକୁ କୋଭିଡ୍-୧୯କୁ ହରାଇବାରେ ଭୁବନେଶ୍ୱର ଜଗନ୍ନାଥ ହସ୍ପିଟାଲ୍‌ର ଡାକ୍ତର ଅରିଜିତ ମହାପାତ୍ର ଏବଂ ତାଙ୍କ ଦଳର ଉତ୍ସର୍ଗୀକୃତ ପ୍ରୟାସକୁ ପ୍ରଶଂସା କରିଛନ୍ତି । କୋଭିଡ୍-୧୯ ଉପରେ ଗୁଡ଼ିଆର ସଫଳ ବିଜୟ ଏହି କଷ୍ଟକର ସମୟରେ ଆଶାର କିରଣ ସଂଚାର କରିଛି ବୋଲି ସେ କହିଛନ୍ତି ।

- ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ଆଜି କୋଭିଡ୍ ପରିସ୍ଥିତିରେ କୋଭିଡ୍ ସଂପୃକ୍ତ ସାମଗ୍ରୀ ଓ ଅତ୍ୟାବଶ୍ୟକ ଜିନିଷପତ୍ରର କଳାବଜାର ତଥା ବେଆଇନ ମହଜୁଦ ବିରୁଦ୍ଧରେ ଓଡ଼ିଶା ପୋଲିସ କ୍ରମାଗତ

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାର ସୂଚନା ଦେଇଛନ୍ତି । ସେ ମଧ ଜନସାଧାରଣଙ୍କୁ କଠୋର ଭାବେ କୋଭିଡ୍ ମାର୍ଗଦର୍ଶିକା ଅନୁପାଳନ ପାଇଁ ନିବେଦନ ଜଣାଇଛନ୍ତି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧରାତ୍ରି ସୁଦ୍ଧା ଓଡ଼ିଶାରେ ୧,୧୧,୧୮,୯୮୪ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୬,୫୫, ୮୯୯ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୫,୪୬, ୬୩୧୫ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୨୪୦୩ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟ ୧,୦୬,୮୧୨ ରହିଛି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ'**